# ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ

ଢେଙ୍କାନାଳ (ଓଡ଼ିଶା), ପିନ୍ କୋଡ୍-୭୫୯୦୦୧

ଇ-ମେଲ୍ : dhenkanalm.hud@gmail.com

ପତ୍ର ସଂଖ୍ୟା...[illegible]

ତା୨୩/୧୦ରିଖ୨୦୨୩

## ପାର୍କିଂ ନିଲାମ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଚଳିତ ବର୍ଷ ୨୦୨୩ ପବିତ୍ର ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ପୌରସଂସ୍ଥା, ଢେଙ୍କାନାଳ ତରଫରୁ ମହିଁଷାପାଟ, ୱାର୍ଡ ନଂ. ୦୮ ସ୍ଥିତ ପଲ୍ଲିଶ୍ରୀ ପଢ଼ିଆ ଉତ୍ତର ପାର୍ଶ୍ୱର ମିଶନ ଶକ୍ତି ଗୃହର ପଛପାଖ ସ୍ମାର୍ଟ ପାର୍କ ପାଇଁ ଉଦ୍ଦିଷ୍ଟ ଖୋଲାଜାଗା (ଖାତା ନଂ. ୩୦୬, ପ୍ଲଟ ନଂ. ୧୪) ଦୁଇ ଏକର ବିଶିଷ୍ଟ ଖୋଲା ଜମିକୁ ପାର୍କିଂ ପାଇଁ ବ୍ୟବହାର କରାଯିବାକୁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଅଛି । ଏଣୁ ଉକ୍ତ ଜମିକୁ ଏକର ପିଛା ୫୦,୦୦୦.୦୦ ଟଙ୍କାରେ ଦୁଇ ଏକରକୁ ମୋଟ୍ ୧,୦୦,୦୦୦.୦୦ (ଏକ ଲକ୍ଷ) ଟଙ୍କା ନିଲାମ ନିମନ୍ତେ ମୂଲ୍ୟ ଧାର୍ଯ୍ୟ କରାଯାଇଅଛି । ଏଥି ନିମନ୍ତେ ଇଚ୍ଛୁକ ବ୍ୟକ୍ତି/ ସଂସ୍ଥା/ଗ୍ରୁପ୍ ଆସନ୍ତା ତା ୨୫.୧୦.୨୦୨୩ ରିଖ ପୂର୍ବାହ୍ନ ୧୦ (ଦଶ) ଘଟିକା ସୁଦ୍ଧା ପୌର କାର୍ଯ୍ୟାଳୟରେ ଡ଼ାକଯୋଗେ ପହଞ୍ଚାଇବା ହେବେ ଓ ଉକ୍ତ ଦିନ ଅପରାହ୍ନ ୪.୦୦ ଘଟିକା ସମୟରେ ଉକ୍ତ ଟେଣ୍ଡରକୁ ଖୋଲାଯିବ । ଇଚ୍ଛୁକ ବ୍ୟକ୍ତି ଉକ୍ତ ଟେଣ୍ଡରକୁ ଢେଙ୍କାନାଳ ପୌରସଂସ୍ଥାର ୱେବସାଇଟ୍‌ରୁ **www.dhenkanalmunicipality.com** ସମସ୍ତ ତଥ୍ୟ ପାଇପାରିବେ ।

ନିମ୍ନରେ ବିଭିନ୍ନ ପ୍ରକାର ଜାନର ମୂଲ୍ୟ ମଧ୍ୟ ଧାର୍ଯ୍ୟ କରାଯାଇଅଛି ।

| କ୍ର.ନଂ. | ଯାନର ପ୍ରକାର | ଟଙ୍କା ପ୍ରତି ଯାନ ନିମନ୍ତେ | ଟେଣ୍ଡର ସର୍ବନିମ୍ନ ମୂଲ୍ୟାଙ୍କନ ଟଙ୍କାରେ | ଟେଣ୍ଡର ଦାତାଙ୍କ ସର୍ବୋଚ୍ଚ ମୂଲ୍ୟ |
|---|---|---|---|---|
| ୧. | ଦୁଇ ଚକିଆ ଯାନ | ୧୦.୦୦ | ଏକର ପିଛା ୫୦,୦୦୦.୦୦ ଦୁଇ ଏକର ପିଛା ୧,୦୦,୦୦୦.୦୦ | |
| ୨. | ଚାରି ଚକିଆ ଯାନ | ୨୦.୦୦ | | |
| ୩. | ଛଅ ଚକିଆ ଯାନ | ୧୦୦.୦୦ | | |

ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

### ସର୍ତ୍ତାବଳୀ

୧.ଉପରୋକ୍ତ ନିଲାମ ଅବଧି ୧୦ ଦିନ ନିମନ୍ତେ
ବି.ଦ୍ର.- ତା ୨୮.୧୦.୨୦୨୩ ରିଖ ଠାରୁ ତା ୦୭.୧୧.୨୦୨୩ ରିଖ ପର୍ଯ୍ୟନ୍ତ ପାଇଁ ଇଚ୍ଛୁକ ଟେଣ୍ଡରଦାତା ମାନେ ସେମାନଙ୍କର ସର୍ବୋଚ୍ଚ ମୂଲ୍ୟ ଲିପିବଦ୍ଧ କରି ତାହାର ଦଶ ପ୍ରତିଶତ ପରିମାଣର ଜମା ସିକ୍ୟୁରିଟି ଟଙ୍କା ଭାବେ ବ୍ୟାଙ୍କ ଡ୍ରାଫଟ ମାଧ୍ୟମରେ ଟେଣ୍ଡର କାଗଜାତ ସହ ଦାଖଲ କରିବା ହେବେ । ଟେଣ୍ଡର ପ୍ରକ୍ରିୟାରେ ସର୍ବୋଚ୍ଚ ମୂଲ୍ୟରେ ନେଇଥିବା ସଫଳ ବ୍ୟକ୍ତି/ସଂସ୍ଥା/ଗ୍ରୁପ ଟେଣ୍ଡର ମୂଲ୍ୟର ସମସ୍ତ ମୂଲ୍ୟ ଏକକାଳୀନ ଭାବେ ଦାଖଲ କରିବେ ।

୨. ଆଗ୍ରହୀ ଟେଣ୍ଡର ଦାତାମାନେ ସେମାନଙ୍କର ସର୍ବୋଚ୍ଚ ମୂଲ୍ୟ ଲିପିବଦ୍ଧ ଥିବା ସମସ୍ତ କାଗଜାତ କେବଳ ରେଜିଷ୍ଟ୍ରୀ ଡ଼ାକ କିମ୍ବା ସ୍ପିଡ୍‌ପୋଷ୍ଟ ଡ଼ାକ ଯୋଗେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପହଂଚାଇବା ହେବେ । ନିର୍ଦ୍ଧାରିତ ସମୟପରେ କୌଣସି ଟେଣ୍ଡର ଗ୍ରହଣଯୋଗ୍ୟ ହେବନାହିଁ କିମ୍ବା ଡ଼ାକଯୋଗେ ବିଳମ୍ବିତ ପ୍ରକ୍ରିୟା ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୩. ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗନେଇ ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ବ୍ୟକ୍ତି/ସଂସ୍ଥା କିମ୍ବା ଗ୍ରୁପକୁ ଦଶ ଦିନ ପାଇଁ ଯଥା- ତା ୨୮.୧୦.୨୦୨୩ ରିଖ ଠାରୁ ତା ୦୭.୧୧.୨୦୨୩ ରିଖ ପର୍ଯ୍ୟନ୍ତ ନିମନ୍ତେ କାର୍ଯ୍ୟାଦେଶ ଦେବାକୁ ବିଚାର କରାଯାଇପାରେ ।

Scanned with CamScanner

୪. ସର୍ବୋଚ୍ଚ ଟେଣ୍ଡର ମୂଲ୍ୟକୁ ଗ୍ରହଣ କରାଯିବା ପାଇଁ ପୌର କର୍ତ୍ତୃପକ୍ଷ ବାଧ୍ୟ ନୁହଁନ୍ତି । କୌଣସି କାରଣ ନଦର୍ଶାଯାଇ ଉକ୍ତ ଟେଣ୍ଡରକୁ ରଦ୍ଦ କରାଯିବାର କ୍ଷମତା ପୌର କର୍ତ୍ତୃପକ୍ଷଙ୍କ ଠାରେ ରଖାଯାଇଛି । ଏଥିନିମନ୍ତେ କୌଣସି କୈଫିୟତ ପ୍ରଦାନ କରାଯିବାର ବ୍ୟବସ୍ଥା ନାହିଁ ।

୫. କୌଣସି ପରିସ୍ଥିତିରେ ପୌରସଂସ୍ଥା ଦ୍ଵାରା ନିର୍ଦ୍ଧାରିତ ଯାନର ମୂଲ୍ୟାଙ୍କନଠାରୁ ଅଧିକା ଦରରେ ଆଦାୟ କରାଯାଇ ପାରିବ ନାହିଁ । ଯଦି ଏହା ପୌର କର୍ତ୍ତୃପକ୍ଷଙ୍କ ନଜରକୁ ଆସେ ତେବେ ତାହାର ଟେଣ୍ଡରକୁ ତତ୍କ୍ଷଣାତ ରଦ୍ଦ କରାଯିବା ସହିତ ତାଙ୍କର ଟେଣ୍ଡର ରାଶିକୁ ରଦ୍ଦ କରାଯିବ । ସର୍ବୋଚ୍ଚ ନିଲାମ ଟେଣ୍ଡର ପୌରପାଳିକା ତରଫରୁ ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ମୂଲ୍ୟାଙ୍କନ ଠାରୁ କମ୍ ଗ୍ରହଣ ଯୋଗ୍ୟ ହେବ ନାହିଁ ।

ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

ଜ୍ଞାପକ ସଂଖ୍ୟା.........୨୧୨୧......... ତା.୧୨/୧୧/୨୪ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, ଢେଙ୍କାନାଳ/ ଉପ-ଜିଲ୍ଲାପାଳ, ଢେଙ୍କାନାଳ/ ତହସିଲଦାର, ଢେଙ୍କାନାଳ/ ସବ୍‌ରେଜିଷ୍ଟାର, ଢେଙ୍କାନାଳ/ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତବିଭାଗ, ଢେଙ୍କାନାଳ/ ନିର୍ବାହୀ ଯନ୍ତ୍ରୀ ଜାତୀୟ ରାଜପଥ, ଢେଙ୍କାନାଳ/ସୂଚନା ଓ ଲୋକସଂପର୍କ ଅଧିକାରୀ, ଢେଙ୍କାନାଳ/ବ୍ଲକ ଉନ୍ନୟନ ଅଧିକାରୀ, ସଦର, ଢେଙ୍କାନାଳ/ ଆଂଚଳିକ ପରିବହନ ଅଧିକାରୀ, ଢେଙ୍କାନାଳ/ ନିଯୁକ୍ତି ଅଧିକାରୀ, ଢେଙ୍କାନାଳ/ ଜିଲ୍ଲା ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଢେଙ୍କାନାଳ/ ଆରକ୍ଷୀ ଅଧିକାରୀ, ଢେଙ୍କାନାଳ/ଅଧ୍ୟକ୍ଷ/ଉପାଧ୍ୟକ୍ଷା ତଥା ସମସ୍ତ ପାରିଷଦ ବୃନ୍ଦ, ପୌରପାଳିକା ଢେଙ୍କାନାଳଙ୍କ ବିହିତ ଅବଗତି ନିମିତ୍ତ ଜଣାଇ ଦିଆଯାଇ ଅନୁରୋଧ କରାଗଲାକି ଯେ, ସେମାନେ ଉକ୍ତ ବିଜ୍ଞାପନକୁ ନୋଟିସ୍ ବୋର୍ଡରେ ପ୍ରଦର୍ଶନ କରାଇବା ହେବେ ।

ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

Scanned with CamScanner